## ଗୋଷ୍ଠୀ ସଂଘର୍ଷ, ୪ ଅଟକ

ସୋର,(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଆଟପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୧୦ଜଣ ଆହତ ହୋଇ ସୋର ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଛନ୍ତି। ପୋଲିସ ଉଭୟ ପକ୍ଷରୁ ୪ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ଗାଁରେ ପଶିଲା ଭାଲୁ: ଘଉଡାଇବାକୁ ବନବିଭାଗ ନାକେଦମ୍

ସଜନାଗଡ଼, ୧୭।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲରୁ ଏକ ଭାଲୁ ବୁଧବାର ରାତିରେ ଖାଦ୍ୟ ଅନ୍ୱେଷଣରେ ଆସି ମିତ୍ରପୁର ବରିଆଗାଁ ଅଞ୍ଚଳରେ ଆତଙ୍କ ଖେଳାଇଛି। ଗୁରୁବାର ଭୋର ହୋଇଯିବାରୁ ଭାଲୁ ବାଟବଣା ହୋଇ ଆଉ ଜଙ୍ଗଲକୁ ଫେରିପାରି ନ ଥିଲା। ଫଳରେ ମିତ୍ରପୁର ଫରେଷ୍ଟ ପାଟଣା ବିଟ୍ ହାଉସ୍ ଅଧୀନ ବଣିଆଗାଁର ମଧୁସୂଦନ ଆଚାର୍ଯ୍ୟଙ୍କ ବାଡ଼ିରେ ଘଞ୍ଚବୁଦା ମୂଳେ ରହିଯାଇଥିଲା। ସେହି ବାଡ଼ିରେ କିଛି ମାଙ୍କଡ଼ ଭାଲୁକୁ ଦେଖି ଗଛ ଉପରେ ଚିତ୍କାର କରିବାରୁ ଅନୁରୂପ ଭାବେ ଭାଲୁ ମଧ ରଡ଼ି କରିଥିଲା। ଗ୍ରାମର ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ଓ ପଡେଶୀ ଯାଇ ଦେଖିବା ବେଳକୁ ଭାଲୁଟି ବୁଦାମୂଳେ ଶୋଇଯାଇଥିଲା। ଗ୍ରାମବାସୀ ନୀଳଗିରି ବନବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର, ଫରେଷ୍ଟ ଗାର୍ଡ଼ ଏବଂ ସବୁଜବାହିନୀ ପହଞ୍ଚି ଭାଲୁକୁ ଘଉଡାଇବା ଲାଗି ନାକେଦମ ହୋଇଥିଲେ। ପରେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅତି ସତର୍କତାର ସହ ବାଣ ଫୁଟାଇ ଭାଲୁକୁ ଘଉଡ଼ାଯାଇଥିଲା। ପରେ ଭାଲୁ ପାଖ ଜଙ୍ଗଲକୁ ପଳାଇଯାଇଥିବା ଜଣାପଡ଼ିଛି।

### ନିଶା ସ୍ପ୍ରେ କରି ଦମ୍ପତିଙ୍କଠାରୁ ସୁନାଗହଣା ଲୁଟ୍

ସୋର,୧୭।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ବ୍ରାହ୍ମଣସାହି ଗ୍ରାମରେ ଗତ ଦୁଇଦିନ ତଳେ ବିଳମ୍ବିତ ରାତିରେ ବାରିପଟ ସ୍କାଏଲାଇଟ୍ ଭାଙ୍ଗି ଘରେ ପଶି ଦମ୍ପତିଙ୍କ ଉପରେ ନିଶା ସ୍ପ୍ରେ କରି ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇଛନ୍ତି। ଗ୍ରାମର ସୂର୍ଯ୍ୟକାନ୍ତ ପଣ୍ଡା ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିବା ବେଳେ ଏପରି ଘଟଣା ଘଟିଛି। ଲୁଟେରାମାନେ ଆଲମିରା ଭାଙ୍ଗି ସମସ୍ତ ସୁନା ଓ ରୁପା ଗହଣା ନେଇଯାଇଥିବା ସୂର୍ଯ୍ୟକାନ୍ତ ସୋର ଥାନାରେ ଅଭିଯୋଗ କରିଛନ୍ତି। ଚୋରି ଗହଣାର ମୂଲ୍ୟ ଆନୁମାନିକ ୨୦ଲକ୍ଷ ଟଙ୍କା ହେବ। ସୋର ଥାନା ଅଧିକାରିଣୀ ମଧୁମିତା ମହାନ୍ତି ପହଞ୍ଚି ଗୁରୁବାର ମଧ୍ୟାହ୍ନରେ ତଦନ୍ତ କରିଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି

ଭଦ୍ରକ ଅଫିସ, ୧୭।୬: ଭଦ୍ରକ ଜିଲା ଘଣ୍ଟେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପଛପାଖ କବାଟ ଭାଙ୍ଗି ଚୋରି ହୋଇଛି। ଏ ନେଇ ମେଡିକାଲ ଅଫିସର ଗୁରୁଚରଣ ସାହୁ ବାଂଶଡ଼ା ଥାନାରେ ଏତଲା ଦେଇଛନ୍ତି। କମ୍ପ୍ୟୁଟର ସେଟ୍, ଡବଲ ଇନଭର୍ଟର ବ୍ୟାଟେରି, ଇନଭର୍ଟର ମେଶିନ ଚୋରି ହୋଇଯାଇଥିବା ସେ ଦର୍ଶାଇଛନ୍ତି। ପୋଲିସ ମାମଲା (ନଂ.୧୮୪/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ମଦ ଦୋକାନରୁ ଚୋରି

କେନ୍ଦୁଝର, ୧୭।୬ (ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଟାଉନ ଥାନା ଅଧୀନ ନରଣପୁର ଠିପି ବନ୍ଦ ମଦ ଦୋକାନରୁ ବୁଧବାର ରାତିରେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ମଦ ଚୋରି ହୋଇଛି। ନୂତନ ଭାବେ ଲଟେରୀରେ ପାଇଥିବା କେନ୍ଦୁଝର ସହରର ଭେଣ୍ଡର ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଠିପିବନ୍ଦ ମଦ ଦୋକାନରୁ ତାଲା ଭାଙ୍ଗି ଏକ ଗାଡ଼ିରେ ୧୦୦ ପେଟି ମଦ ଚୋରି ନେଇ ଅଭିଯୋଗ ହୋଇଛି। ଚୋରି ହୋଇଥିବା ମଦର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଏ ନେଇ ଟାଉନ ଥାନାଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି, ବିନା ସିସିଟିଭି ଓ ସିକ୍ୟୁରିଟି ବ୍ୟବସ୍ଥାରେ ମଦ ରଖିବା ଠିକ୍ ନୁହେଁ। ତେବେ ତଦନ୍ତ ଚାଲିଛି। ଅନ୍ୟପକ୍ଷେ ଗାଡ଼ିଟି ନରଣପୁର ଆଡ଼େ ପଳାଇଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ ପୋଲିସକୁ କହିଛନ୍ତି।

### ୨ ଡାକ୍ତରଖାନାକୁ ଅକ୍ସିଜେନ କନସନଟ୍ରେଟର ପ୍ରଦାନ

ଖଇରା, ୧୭।୬(ଡି.ଏନ.ଏ.)-ଜିଲା ଉତ୍କଳ ଯାଦବ ମହାସଭା ହୋପ ଫାଉଣ୍ଡେଶନ ସହଯୋଗରେ ଗୁରୁବାର ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଔପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅକ୍ସିଜେନ କନସନଟ୍ରେଟର ପ୍ରଦାନ କରାଯାଇଛି। ଯାଦବ ମହାସଭାର ଜିଲା ଯୁବ ସଭାପତି ଇଂ. ରାଜେଶ ମହାକୁଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଜିଲା ସଂଯୋଜକ ଜଗନ୍ନାଥ ଦାସ ଓ ଶୁଭଜିତ ପରିଡାଙ୍କ ସହଯୋଗରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ରଙ୍କୁ ଏହି ମେଶିନ ହସ୍ତାନ୍ତର କରିଛନ୍ତି। ଖଇରା ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା, ବିଡିଓ ପର୍ଶୁରାମ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଔପଦା ତହସିଲଦାର ଶରତ ମଲ୍ଲିକଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଚନ୍ଦନ ମହାକୁଡଙ୍କୁ ଏହି ମେଶିନ ପ୍ରଦାନ କରାଯାଇଛି।

# ଖଟିଆ କାନ୍ଧେଇ ପ୍ରତିବାଦ କଲେ ଗ୍ରାମବାସୀ

ସାରସକଣା,୧୭।୬(ଡି.ଏନ.ଏ.)



ଜଣେ ଲୋକଙ୍କୁ ରୋଗୀ ଭଳି ଖଟିଆରେ ବୋହି ନିଆଯାଉଛି।

ପ୍ରଶାସନର କାର୍ଯ୍ୟଧାରା ଏବଂ ଅପାରଗତାକୁ ପଦାରେ ପକାଇବା ଲକ୍ଷ୍ୟନେଇ ଅଭିନବ ଢ଼ଙ୍ଗରେ ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ଗାଁକୁ ଯିବାକୁ ଭଲ ରାସ୍ତା ଓ ପୋଲ ନ ଥିବାରୁ ସେମାନେ କେନାଲ ପାଣିରେ ପଶି ରୋଗୀ ଭଳି ଜଣେ ଲୋକଙ୍କୁ ଖଟିଆରେ ବୋହି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ମୁରୁଣିଆ ପଞ୍ଚାୟତ ଅନ୍ତର୍ଗତ ବାଙ୍କଦହ ଗ୍ରାମରେ ବୁଧବାର ଏହି ଘଟଣା ଦେଖିବାକୁ ମିଳିଥିଲା।

ଏହି ଗ୍ରାମକୁ ଯିବା ପାଇଁ ସାରସକଣା ପଞ୍ଚାୟତ ମହୁଲବରେଇ ଗ୍ରାମ ବାଟେ କୋଚିଲା ନାଳ ପାରି ହୋଇ ଆସିବାକୁ ପଡ଼ିଥାଏ। ସାମାନ୍ୟ ବର୍ଷା ହେଲେ ଏହି ନାଳରେ ପାଣି ବଢ଼ି ଗ୍ରାମଟି ଅଞ୍ଚଳରୁ ବିଚ୍ଛିନ୍ନ ହୋଇଯାଇଥାଏ । ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ନାଳ ପାରି ହେବା ପାଇଁ ପ୍ରତିବର୍ଷ ଏକ ଅସ୍ଥାୟୀ ବାଉଁଶ ପୋଲ ତିଆରି କରିଥାନ୍ତି। ଗାଁକୁ ଭଲ ରାସ୍ତା ସହିତ ପୋଲ ନ ଥିବାରୁ ୧୦୮ ଆମ୍ବୁଲାନ୍ସ ଆସିପାରେ ନାହିଁ। ଯାହାଫଳରେ ବର୍ଷାଦିନେ ନାଳରେ ପାଣି ହେଲେ ବାଧ ହୋଇ ଲୋକେ ରୋଗୀଙ୍କୁ ଖଟିଆରେ ବୋହି ନାଳ ପାରି କରିଥାନ୍ତି। ଦୀର୍ଘଦିନ ଧରି ଗ୍ରାମକୁ ଯାତାୟାତ ପାଇଁ ବାଧକ ସାଜିଥିବା କୋଚିଲା ନାଳ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରି ଆସୁଛନ୍ତି। ୩/୪ ଦିନ ହେଲା ଲଗାଣ ବର୍ଷାରେ ଏହି ନାଳରେ ପାଣି ଆସିବାରୁ ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ ବାଉଁଶ ପୋଲଟି ବୁଧବାର ସକାଳେ ଭାସି ଯାଇଥିଲା। ରାଜ୍ୟ ସରକାରଙ୍କ ମାଳମାଳ ଯୋଜନାକୁ ତାଚ୍ଛଲ୍ୟ କରି ନାଳରେ ପାଣି ଆସିବା ପରେ ଅଭିନବ ଉପାୟରେ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଖଟିଆରେ ବୋହି ନାଳ ପାରି କରାଯାଇ ତାର ଜୀବନ ବଞ୍ଚାଇବାକୁ କିପରି ସଂଘର୍ଷ କରାଯାଇଥାଏ ସେହି ସମୟର ଏକ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିଲା।

## ମୌଳିକ ସୁବିଧାରୁ ବଞ୍ଚିତ ବାଙ୍କଦହ ଗାଁ

ମୌଳିକ ସୁବିଧାରୁ ବଞ୍ଚିତ ଏହି ଗ୍ରାମର ଲୋକେ ବାରମ୍ବାର ପ୍ରଶାସନଠାରେ ଗୁହାରି କରିଥିଲେ ମଧ କିଛି ସୁଫଳ ମିଳୁନି ବୋଲି ଗ୍ରାମର ବ୍ରହ୍ମାନନ୍ଦ ବିନ୍ଧାଣୀ, ରବି ବିନ୍ଧାଣୀ, ପୁଷ୍ପଲତା ସୋରେନ, ନରେନ୍ଦ୍ର ହାଁସଦା ପ୍ରମୁଖ କହିଛନ୍ତି।

# ଅଢ଼େଇ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ବାଲେଶ୍ୱର ଅଫିସ, ୧୭।୬

ବାଲେଶ୍ୱର ଜିଲା ୧୬ନଂ. ଜାତୀୟ ରାଜପଥର ଶେରଗଡ଼ ଛକଠାରେ ଗୁରୁବାର ମଧ୍ୟାହ୍ନରେ ଏକ ଟ୍ରକରୁ ଅଢେଇ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଏହି ଗଞ୍ଜେଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ଜିଲା ଅବକାରୀ ଅଧୀକ୍ଷକ ଏସ୍. କେ. ଆସଫ୍ ଅଲ୍ଲୀଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ଭ୍ରାମ୍ୟମାଣ ଟିମ୍ ଏହି ଟ୍ରକ୍ (ନଂ. ଓଆର୍୧୫ଆର୍-୩୫୨୨) ଉପରେ ଚଢ଼ାଉ କରିଥିଲା। ଗଞ୍ଜେଇଗୁଡ଼ିକୁ ୧୦୮ଟି ପ୍ୟାକେଟ୍‌ରେ ଭର୍ତ୍ତି କରାଯାଇଥିଲା। ଗଞ୍ଜେଇକୁ ଜବତ କରାଯିବା ସହ ଟ୍ରକ୍ ଡ୍ରାଇଭର ଆଠମଲ୍ଲିକ ଅଞ୍ଚଳର ନରେନ୍ଦ୍ର ବେହେରା ଓ ହେଲପର କୁନା ବିଶ୍ୱାଳଙ୍କୁ ଗିରଫ କରାଯାଇ ଟ୍ରକକୁ ଜବତ କରାଯାଇଛି।

ଉକ୍ତ ଟ୍ରକ୍ ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳରୁ ପଶ୍ଚିମବଙ୍ଗର କଲିକତାକୁ ଆଳୁ ଆଣିବା ପାଇଁ ଯାଉଥିଲା। ଡ୍ରାଇଭରଙ୍କ କହିବା ଅନୁଯାୟୀ

## ପଶ୍ଚିମବଙ୍ଗ ଚାଲାଣ ବେଳେ ଧରାପଡ଼ିଲା

ଉକ୍ତ ଗଞ୍ଜେଇକୁ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ବର୍ଡ଼ରରେ ଦେବା ପାଇଁ ନିଆଯାଉଥିବା ଟ୍ରକ୍ ବୁଝାବୁଝି କରୁଥିବା ସତ୍ୟରଞ୍ଜନ ମାଝି କହିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ। ଏନେଇ ଅବକାରୀ ବିଭାଗ ଭ୍ରାମ୍ୟମାଣ ଥାନାରେ ମାମଲା (ନଂ. ୨୫/୨୧-୨୨) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଚଢ଼ାଉରେ ସଦର ଅବକାରୀ ଓଆଇସି କୁଳମଣି ମହାରଣା, ଏଏସ୍ଆଇ ଅଞ୍ଜନ କୁମାର ଜେନା, ଏଏସ୍ଆଇ ଭାସ୍କର ବେହେରା, କନଷ୍ଟେବଲ ସନ୍ତୋଷ କୁମାର ବେହେରା, ଶଶିକାନ୍ତ ସାହୁ, ବିଦ୍ୟାଧର ବିନ୍ଧାଣୀ, ଧୀରେନ୍ଦ୍ର ସିଂ, ଚିତ୍ତରଞ୍ଜନ ରାଉତ, ମହିଳା କନଷ୍ଟେବଲ ରଶ୍ମିରେଖା ପାତ୍ର ଓ ନହଲ ମୁର୍ମୁ ପ୍ରମୁଖ ସାମିଲ ଥିବା ମୋବାଇଲ ଥାନା ଅଧିକାରୀ ଗାଲୁରାମ ସୋରେନ ପ୍ରକାଶ କରିଛନ୍ତି।

# ରଥଯାତ୍ରା ପାଇଁ ଦାବି ଜୋର ଧରିଲା



ଶୋଭାଯାତ୍ରାରେ ସାମିଲ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

ବାରିପଦା ଅଫିସ,୧୭।୬

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ହରି ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ଦାବି ଜୋର ଧରିଛି। ଗୁରୁବାର ପୂର୍ବାହ୍ନରେ ସହସ୍ରାଧିକ ମହିଳା ପୁରୁଷ ହାତରେ ପ୍ଲାକାର୍ଡ ଧରି, ଶଙ୍ଖ ହୁଳହୁଳି, ସଙ୍କୀର୍ତ୍ତନ ଓ ଘଣ୍ଟ ବଜାଇ ଜଗନ୍ନାଥ ମନ୍ଦିରରୁ ବାହାରି ମାଉସୀ ମା'ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ। ମହିଳାମାନେ ଘରୁ ପଦାକୁ ବାହାରି ଶଙ୍ଖ ବଜାଇବା ସହ ହୁଳିହୁଳି ପକାଇଥିଲେ। ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇପଡ଼ିଥିଲା। ମାନବଶୃଙ୍ଖଳ ମାଧ୍ୟମରେ ମନ୍ଦିର ଖୋଲିବା ସହ ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ରଥଯାତ୍ରା କରିବାକୁ ସହରବାସୀ ଦାବି ଜଣାଇଛନ୍ତି। ଜିଲାରେ ଥିବା ମନ୍ଦିର ମଠ ସୁରକ୍ଷା ସମିତି, ଶ୍ରୀ ଜଗନ୍ନାଥ ବାହିନୀ, ବିଭିନ୍ନ ସଙ୍ଗଠନ, ରାଜନୈତିକ, ଅଣରାଜନୈତିକ ଦଳ ଓ ସହରବାସୀ ଏକାଠି ହୋଇ ରଥଯାତ୍ରା ନିମନ୍ତେ ରାଜ୍ୟ ସରକାର ପୁର୍ନବିଚାର କରନ୍ତୁ ବୋଲି ନିବେଦନ କରିଛନ୍ତି। ମୟୂରଭଞ୍ଜ ମହାରାଜା ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସୁରକ୍ଷା ସମିତିର ସଭାପତି ଭାନୁମିତ୍ର ଆଚାର୍ଯ୍ୟ, କଳିଙ୍ଗ କେଶରୀ ଜେନା, ରାକେଶ ବେହେରା, ଅସିତ ପତିଙ୍କ ସମେତ ବହୁ ବୁଦ୍ଧିଜୀବୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ପୋଖରୀରେ ବୁଡ଼ି ନାବାଳିକା ମୃତ

ଯୋଡ଼ା,୧୭।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ଗୁରୁବାର ପୂର୍ବାହ୍ନରେ ସେ ଉକ୍ତ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୧) ରୁଜୁ ହୋଇଛି।

# ଚାଷୀଙ୍କ ହକ୍ ପାଇଁ କଂଗ୍ରେସର ଗଣଧାରଣା

ରୂପ୍‌ସା/ବସ୍ତା/ବାଲିଆପାଳ, ୧୭।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ରାଉତପଡ଼ା କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଛି। ସରକାରଙ୍କ ଧାନକିଣାରେ ତ୍ରୁଟିପୂର୍ଣ୍ଣ ନୀତି ବିରୋଧରେ ପ୍ରତିବାଦ କରାଯାଇଛି। ବରିଷ୍ଠ ନେତା ମଦନମୋହନ ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲା ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଶେଖର ଯେନା ଯୋଗ ଦେଇଥିଲେ। ବସ୍ତା ବ୍ଲକ ଗଡ଼ପଦା ସମବାୟ ସମିତି ସମ୍ମୁଖରେ ପୂର୍ବତନ ସମବାୟ ସମିତି ସଭାପତି ମଦନ ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଶେଖର ଯେନା ପ୍ରମୁଖ ଯୋଗଦେଇଥିଲେ। ବାଲିଆପାଳ ବ୍ଲକ ଅଧୀନରେ ଥିବା ସମସ୍ତ ୧୬ ସେବା ସମବାୟ ସମିତି ଆଗରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା।

## ୪ ଦୋକାନ ସିଲ୍: ୧.୫୪ ଲକ୍ଷ ଜରିମାନା

ପଦ୍ମପୁର, ୧୭।୬ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ଓ ନାୟକାଣିଡିହୀ ବଜାରରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଦୋକାନ ଖୋଲିବା ଅଭିଯୋଗରେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ୪ ଦୋକାନକୁ ସିଲ୍ କରିଛନ୍ତି। ଏଥିସହ ୪ ଦୋକାନକୁ ମୋଟ ୧ ଲକ୍ଷ ୫୪ ହଜାର ଟଙ୍କା ଜରିମାନା କରାଯାଇଛି। ବିଦେଇପୁର ବଜାରରେ ଥିବା ବାସନ୍ତୀ ଦୁର୍ଗା ଲୁଗା ଦୋକାନ ବୁଧବାର ସନ୍ଧ୍ୟାରେ ଖୋଲାଥିବା ଅଭିଯୋଗ ପାଇ ତହସିଲଦାର ପହଞ୍ଚିଥିଲେ। ହେଲେ ଦୋକାନ ମାଲିକ ୩ କର୍ମଚାରୀ ଓ ୪ ଗ୍ରାହକଙ୍କୁ ଦୋକାନ ଭିତରେ ରଖି ତାଲା ପକାଇ ପଳାଇଥିଲେ। ନାୟକାଣିଡିହୀ ପୋଲିସ ପହଞ୍ଚି ଦୋକାନ ଖୋଲିବାରୁ ଟ୍ରାଏଲ ରୁମ୍‌ରେ ୩ ଗ୍ରାହକଙ୍କ ସମେତ ଜଣେ ଶିଶୁ ମଧ ବନ୍ଦ ଥିଲେ। ଦୋକାନ କର୍ମଚାରୀମାନେ ତହସିଲଦାର ଓ ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୋକାନକୁ ୧୫ ଦିନ ପାଇଁ ସିଲ୍ ସହ ୧ ଲକ୍ଷ ଜରିମାନା କରିଛନ୍ତି। ସାଇ ବସ୍ତ୍ରାଳୟ ସିଲ୍ ସହ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ସେହିପରି ନାୟକାଣିଡିହୀ ବଜାରରେ ଦୁଇଟି ଫଳ ଦୋକାନକୁ ୨ ହଜାର ଲେଖାଏ ଜରିମାନା କରାଯାଇଛି।

# କରୋନା ମୃତକଙ୍କୁ କାନ୍ଧ ଦେଲେ ବିଡିଓ, ସରପଞ୍ଚ



ବିଡିଓ ଦୁର୍ଗାଚରଣ ମୁର୍ମୁ ଓ ସରପଞ୍ଚ ମନୋଜ ରାୟ ମହାପାତ୍ର ପିପିଇ କିଟ୍ ପିନ୍ଧି ଶବଦାହ କରିବାକୁ ନେଉଛନ୍ତି।

ଭଦ୍ରକ ଅଫିସ, ୧୭।୬

କରୋନା ଭୟରେ ମୃତଦେହ ପାଖ ମାଡ଼ିଲେନି ସାହିଭାଇ କିମ୍ବା ସମ୍ପର୍କୀୟ। ଫଳରେ ସ୍ଥାନୀୟ ସରପଞ୍ଚ ଓ ବିଡିଓ ଆଗେଇ ଆସି ମୃତକଙ୍କୁ କାନ୍ଧ ଦେଇଛନ୍ତି। ଗୁରୁବାର ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ନଦୀଗାଁ ପଞ୍ଚାୟତ ବଡ଼ତିରଣ ଗାଁରେ। ଉକ୍ତ ଗ୍ରାମର ବର୍ଷୀୟାନ କଳାକାର ବାସୁଦେବ ମିଶ୍ର କରୋନାରେ ଆକ୍ରାନ୍ତ ହୋଇ ଗୃହ ସଙ୍ଗରୋଧରେ ଥିବା ବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ପୁଅ ମଧ କରୋନାରେ ଆକ୍ରାନ୍ତ ହୋଇ ଭଦ୍ରକ କୋଭିଡ୍

## ପାଖ ମାଡ଼ିଲେନି ଗାଁ ଲୋକ

ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ପରିବାରର ସମସ୍ତ ସଦସ୍ୟ ଜ୍ୱର ଥଣ୍ଡାରେ ଆକ୍ରାନ୍ତ ଅଛନ୍ତି। ଏଭଳି ପରିସ୍ଥିତିରେ ବାସୁଦେବଙ୍କ ମୃତ୍ୟୁ ଘଟିଥିବା ବେଳେ ଭୟରେ ଗାଁ ଲୋକ ମୃତଦେହ ଛୁଇଁ ନ ଥିଲେ। ଏ ସମ୍ପର୍କରେ ଖବର ପାଇ ଧାମନଗର ବିଡିଓ ଦୁର୍ଗାଚରଣ ମୁର୍ମୁ ଓ ନଦୀଗାଁ ସରପଞ୍ଚ ମନୋଜ ରାୟ ମହାପାତ୍ରଙ୍କ ସହ ସ୍ୱାସ୍ଥ୍ୟକର୍ମୀ ପହଞ୍ଚି ପିପିଇ କିଟ୍ ପିନ୍ଧି ମୃତଦେହକୁ କାନ୍ଧ ଦେଇଥିଲେ। ଗ୍ରାମ ନିକଟ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

# ପ୍ରାଣୀ-ମଣିଷ ଅନାବିଳ ସମ୍ପର୍କ

ପାଟଣା,୧୭।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଢ଼ୀକାପୁଡ଼ି ପଞ୍ଚାୟତ ଅନ୍ତର୍ଗତ ତେନ୍ତେଳା ଗ୍ରାମରେ ବୁଧବାର ପ୍ରାଣୀ ଓ ମଣିଷ ଭିତରେ ଥିବା ଅନାବିଳ ସମ୍ପର୍କର ନିଦର୍ଶନ ଦେଖିବାକୁ ମିଳିଛି। ପୁଅ ଭଳି ପାଳି ଆସିଥିବା ଖାସି ଛେଳି 'ମାତାଲ'ର ମୃତ୍ୟୁରେ ମ୍ରିୟମାଣ ହେବା ସହ ତା'ର ଅନ୍ତ୍ୟେଷ୍ଟିକ୍ରିୟା କରିଛନ୍ତି ନିଃସନ୍ତାନ ଦମ୍ପତି।

ସୂଚନା ଅନୁଯାୟୀ, ଗ୍ରାମର ଦମ୍ପତି ଧନେଶ୍ୱର ନାଏକ ଓ ସ୍ତ୍ରୀ ମିନତୀଙ୍କ ବିବାହର ୩୦ ବର୍ଷ ବିତି ଯାଇଥିଲେ ମଧ ନିସନ୍ତାନ ଅଛନ୍ତି। ଏ ନେଇ ଅନେକ ଚିନ୍ତାରେ ସେମାନେ କାଳାତିପାତ କରୁଥିବା ବେଳେ ଛେଳି ପାଳନ କରି ଚଳୁଥିଲେ।

## ଛେଳିର ଅନ୍ତ୍ୟେଷ୍ଟିକ୍ରିୟା କଲେ ଦମ୍ପତି

ସେମାନେ ୩୦ରୁ ଅଧିକ ଛେଳି ରଖିଛନ୍ତି। ସେଥି ମଧ୍ୟରୁ 'ମାତାଲ' ଥିଲା ଅନ୍ୟତମ। ସନ୍ତାନ ସନ୍ତତି ନ ଥିବାରୁ 'ମାତାଲ'କୁ ନିଜର ପୁଅ ଭଳି ଆଦର କରୁଥିଲେ। ୮ ବର୍ଷର ହୋଇଥିବା 'ମାତାଲ' ମଣିଷ ଭଳି ସେମାନଙ୍କ ପାଖରେ ଶୁଏ, ଭାତ, ଡାଲି ଓ ତରକାରୀ ଖାଏ। ବୁଧବାର କୋଣସି କାରଣରୁ 'ମାତାଲ'ର ମୃତ୍ୟୁ ପରେ ଉକ୍ତ ଦମ୍ପତି ସାହି ପଡ଼ିଶାଙ୍କୁ ଡାକି ମଣିଷଙ୍କ ଭଳି ନିଜ ବାଡ଼ିରେ ତା'ର ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ବାଉଁଶ କୋକେଇ କରି ସାହି ପଡ଼ିଶା ବନ୍ଧୁବାନ୍ଧବଙ୍କ ଗହଣରେ ଜୁଇରେ ନିଆଁ ଦେଇଥିଲେ।

## ପୂର୍ବତନ ଅଧ୍ୟାପକଙ୍କ ପରଲୋକ

ବାସୁଦେବପୁର,୧୭।୬ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସୁଦର୍ଶନପୁର ପଞ୍ଚାୟତ ଜଗନ୍ନାଥ ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ଡ. ମନୋରଞ୍ଜନ ବିଶ୍ୱାଳ(୬୨)ଙ୍କ ପରଲୋକ ଘଟିଛି। ସେ ବୁଧବାର ଅପରାହ୍ନରେ ହଠାତ୍ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ସ୍ଥାନୀୟ ଅଟଳ ବିହାରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଥିଲେ। ତାଙ୍କ ମୃତ୍ୟୁରେ ବାସୁଦେବପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ଆରଡ଼ି, ୧୭।୬ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକର ପାଳସାହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୂର୍ଯ୍ୟନାରାୟଣ ମହାନ୍ତି ଫାଉଣ୍ଡେଶନ, ଭୁବନେଶ୍ୱର ପକ୍ଷରୁ କୋଭିଡ୍ ଯୋଦ୍ଧା ସମ୍ବର୍ଦ୍ଧନା ସମାରୋହ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ଅଧ୍ୟକ୍ଷ ମହାନ୍ତିଙ୍କ ଉପସ୍ଥିତିରେ ସାମାଜିକ କର୍ମୀ ଦିବାକର ସାହୁ, କାଶିନାଥ ମହାନ୍ତି, ଅସିତ ଦାସ, ଚିତ୍ରଭାନୁ ଦାସ, ରବୀନ୍ଦ୍ର ବେହୁରିଆ, ଅନ୍ତର୍ଯ୍ୟାମୀ ଦାସ, ପଣ୍ଡିତ ପଞ୍ଚାନନ ମିଶ୍ର ପ୍ରମୁଖ ଜିଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ କୋଭିଡ୍ ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରିଥିଲେ। ଖବରଦାତା ପାର୍ଥସାରଥୀ ନାୟକ, ନରେନ୍ଦ୍ର ସାମଲ, ବୈକୁଣ୍ଠ ନାଥ ସାହୁ, ଅଜୟ ପଣ୍ଡା, ଦୀପ୍ତି ରଞ୍ଜନ ନାୟକ, ରମେଶ ଚନ୍ଦ୍ର ବେହେରା, ବାବାଜୀ ଶଙ୍କର ପାଢୀ, ଦୀପକ ରଞ୍ଜନ ବିଶ୍ୱାଳ, ସ୍ୱାଧୀନ ଦାସ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ପରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୫ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଫାଉଣ୍ଡେଶନର କର୍ମକର୍ତ୍ତା ବିପ୍ଲବ ପରିଡ଼ା, ନିରାକାର ପଲାଇ, କ୍ଷୀରୋଦ ପରିଡ଼ା, ରଞ୍ଜିତ ମହାନ୍ତି ପ୍ରମୁଖ ସହାୟତା କରିଥିଲେ।



କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରାଇସମିଲ୍ ବର୍ଜ୍ୟବସ୍ତୁରେ ଲୋକେ ଅତିଷ୍ଠ

ବାଲେଶ୍ୱର ଅଫିସ, ୧୭।୬

ବାଲେଶ୍ୱର ଜିଲା ରେମୁଣା ବ୍ଲକ କୁରୁଡ଼ାସ୍ଥିତ ରାଇସମିଲରୁ ବାହାରୁଥିବା ବର୍ଜ୍ୟବସ୍ତୁରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଛନ୍ତି। ଲୋକେ ଗୁରୁବାର ମିଲ୍ ଗେଟ୍‌ରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସି ରହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଓ ୫ଟି ସଚିବଙ୍କୁ ଏନେଇ ଅବଗତ କରାଯିବା ସହ ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ମଧ ଲିଖିତ ଭାବେ ଜଣାଯାଇଛି। ମିଲ୍‌କୁ ବନ୍ଦ କରା ନ ଗଲେ ଜାତୀୟ ରାଜପଥକୁ ବନ୍ଦ କରାଯିବ ବୋଲି ଶାନ୍ତିସ୍ୱରୂପ ସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅଂଶୁପ୍ରକାଶ ସ, ରଞ୍ଜୁକ୍ତା ମହାପାତ୍ର, ଶକୁନ୍ତଳା ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

କୁରୁଡ଼ାରେ ଥିବା ଏସ୍ଏସ୍ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍ ରାଇସ୍‌ମିଲ୍‌ରୁ ବାହାରୁଥିବା ବିଷାକ୍ତ ପ୍ରଦୂଷଣଯୁକ୍ତ ଅପରିଷ୍କାର ଜଳ, ପାଉଁଶକୁ ପ୍ରଦୂଷଣ ଆଇନ୍‌କୁ ଉଲ୍ଲଂଘନ କରି ସରକାରୀ ଜମିକୁ ଦୀର୍ଘ ଦିନ ଧରି ଛାଡିଆସୁଛି। ଫଳରେ ଗୋଚାରଣ ଭୂମିକୁ ନଷ୍ଟ କରିବା ସହ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥାକୁ ପ୍ରଭାବିତ କରୁଛି। ଏପରିକି କାରଖାନାରେ ଚାଉଳ ପରିଷ୍କାର କଲାବେଳେ ବାହାରୁଥିବା ତଷ୍ଟୁ



ରାଇସମିଲ୍ ସମ୍ମୁଖରେ ସ୍ଥାନୀୟ ଲୋକଙ୍କ ବିକ୍ଷୋଭ।

## ବିକ୍ଷୋଭ କରି ଧାରଣାରେ ବସିଲେ

ଉଡ଼ି ୧୬ନଂ. ଜାତୀୟ ରାଜପଥରେ ଯାଉଥିବା ମୋଟରସାଇକେଲ ଓ ସାଇକେଲ ଯାତ୍ରୀମାନଙ୍କ ଆଖିରେ ପଡ଼ି ଅନେକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏନେଇ କୁରୁଡ଼ା ଓ ସରସ୍ୱତୀପୁର ଅଞ୍ଚଳ ଅଧିବାସୀ ଗତ ୨୦୧୨ ନଭେମ୍ବର ୭ ତାରିଖଠାରୁ ଅଦ୍ୟାବଧି ସ୍ଥାନୀୟ ଓ ଜିଲା ପ୍ରଶାସନଙ୍କୁ ବିଭିନ୍ନ ସମୟରେ ଲିଖିତ ଜଣାଇଆସୁଛନ୍ତି। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଅଞ୍ଚଳବାସୀ ଏଭଳି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି।

